# Akashvani, Sambalpur

## SAMBALPURI NEWS EVENING BULLETIN

## 10 April 2025- 7.02 pm- 7.12 pm.

*********************************************

୧- ରାଏଜେ ଆଏବା କାଏଲ୍ ଲାଗୁ ହେବା ଆୟୁଷ୍ମାନ୍ ଭାରତ୍ ପ୍ରଧାନ୍‌ମନ୍ତ୍ରୀ ଜନଆରୋଗ୍ୟ ଯୋଜ୍‌ନା, ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନା ।

୨- ରାଏଜେ ଖରିଫ୍ ଚାଷ୍ ଲାଗି ଚାଷୀମାନ୍‌କୁ ଠିକ୍ ଦାମ୍‌ଥି ଯୁଗେଇ ଦିଆଯିବା ବିହନ୍ - କହେଲେ ଉପମୁଖ୍ୟମନ୍ତ୍ରୀ ।

୩- ଓଡ଼ିଆ ପକ୍ଷ ପାଲନ୍‌ର ୧୦ ନମ୍ବର୍ ଦିନେ ଆଏଜ୍ ରାଏଜେ ପାଲନ୍ ହେଲା ‘ଲୋକକଳା ଲାଗି ଦିନ୍‌ଟେ’ ଉତ୍ସବ୍ ।

୪- ବର୍‌ଗଡ଼୍ ଜିଲ୍ଲା ନ ୮୮ କୋଟି ୭୨ ଲାଖ୍‌ନୁ ଅଏତ୍‌କା ଟଙ୍କାର୍ ପ୍ରକଳ୍ପମାନ୍‌କର୍ ନିହି ପକାଲେ ବୟନଶିଳ୍ପ ମନ୍ତ୍ରୀ ।

ଆଉର୍

୫- ଅଧୟନ୍, ଅଧାପନା ଆର୍ ଅନୁସନ୍ଧାନ୍ ବାର୍ତା ସହେତେ ଆଏଜ୍ ପାଲିତ୍ ହେଲା ବିଶ୍ୱ ହୋମିଓପାଥି ଦିବସ୍ ।

ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଆର୍‌ଏନ୍‌ୟୁ ସମ୍ବଲପୁର

ରାଏଜେ ଆଏବା କାଏଲ୍ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜ୍‌ନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜ୍‌ନା, ଆୟୁଷ୍ମାନ୍ ବୟୋବନ୍ଦନ୍ ଯୋଜ୍‌ନା ଲାଗୁ ହେବା । କଟକ ବାଲିଯାତ୍ରା ପଡ଼ିଆଠାନେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଜରିଏ କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଯୋଜ୍‌ନାର ଶୁଭାରମ୍ଭ କର୍‌ବେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଦୁହି ଉପମୁଖ୍ୟମନ୍ତ୍ରୀ ଆଉ ସ୍ୱାସ୍ଥ୍ୟମନ୍ତ୍ରୀ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଆୟୁଷ୍ମାନ୍ ଭାରତ୍ ପ୍ରଧାନ୍‌ମନ୍ତ୍ରୀ ଜନଆରୋଗ୍ୟ ଯୋଜ୍‌ନାଥି ରାଜ୍ୟର୍ ୧ କୋଟି ୩ ଲାଖ୍ ପରିବାର୍‌ର ୩ କୋଟି ୫୦ ଲାଖ୍ ଲୋକ୍ ମାହାଲିଆ ଚିକିତ୍ସା ସୁବିଧା ପାଇପାର୍‌ବେ । ଯୋଜ୍‌ନାର୍ ଫିʼ ହିତାଧିକାରୀମାନ୍‌କୁ ଦୁହି ଯୋଜ୍‌ନାର୍ ଲାଗି ଗୁଟେ ଲେଖା ସ୍ୱାସ୍ଥ୍ୟକାର୍ଡ଼ ଦିଆଯିବା । ଆୟୁଷ୍ମାନ୍ ବୟୋବନ୍ଦନ୍ ଯୋଜ୍‌ନାଥି ୭୦ ବଛର୍‌ନୁ ଅଏତ୍‌କା ବୟସର୍ ୨୩ ଲାଖ୍ ୧୩ ହଜାର୍ ହିତାଧିକାରୀ ଅଲ୍‌ଗା କାର୍ଡ଼ ପାଏବେ । ଯୋଜ୍‌ନା ମାନ୍‌କେ ହିତାଧିକାରୀମାନେ ଦେଶର୍ ୨୯ ହଜାର୍‌ନୁ ଅଏତ୍‌କା ସର୍‌କାରୀ ଆର୍ ପଞ୍ଜିକୃତ ବେସର୍‌କାରୀ ଡାକ୍ତର୍‌ଖାନାମାନ୍‌କେ ମାହାଲିଆ ଚିକିତ୍ସା ସୁବିଧା ପାଇପାର୍‌ବେ ।

ନୂଆଁ କାର୍ଡ଼ ମିଲ୍‌ବାର୍‌ତକ୍ ପୁର୍‌ନା ସ୍ୱାସ୍ଥ୍ୟକାର୍ଡ଼ର ନମ୍ବର୍ ଆଧାର୍‌କାର୍ଡ଼ ଜରିଏ ହିତାଧିକାରୀମାନେ ଚିକିତ୍ସା ସୁବିଧା ପାଇପାର୍‌ବେ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍...

(ଭଏସ୍ ଓଭର୍-ଉପମୁଖ୍ୟମନ୍ତ୍ରୀ- ପ୍ରଭାତୀ ପରିଡ଼ା)

ଆଏବା କାଏଲ୍ ରାଜ୍ୟର୍ ୧୩ ଟା ଜିଲ୍ଲା ନ ଭିନ୍ ଭିନ୍ ବିଭାଗ୍‌ର ମନ୍ତ୍ରୀମାନେ ଯୋଜ୍‌ନାର୍ ଶୁଭାରମ୍ଭ କର୍‌ବେ । ଇତାର୍‌ସହେତେ ରାଜ୍ୟର୍ ୧ ହଜାର୍ ୪ ଶହ ୫ ଟା ସ୍ୱାସ୍ଥ୍ୟ କେନ୍ଦ୍ର ନ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍‌ର ସିଧା ପ୍ରସାରଣ୍ ଦେଖାଯିବାର୍ ସହେତେ ଏକାସାଙ୍ଗେ ଆୟୁଷ୍ମାନ୍ କାର୍ଡ଼ ବଂଟାଯିବା ।

ମୁଖ୍ୟମନ୍ତ୍ରୀ-କେନ୍ଦୁଝର୍ ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ କେନ୍ଦୁଝର୍ ଜିଲ୍ଲା ଗସ୍ତ କରିକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଛନ୍ । ହେଣ୍ଡ୍‌ବଲ୍ ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ସବ୍‌ଜୁନିୟର୍ ବାଳକ ଜାତୀୟ ହେଣ୍ଡ୍‌ବଲ୍ ଚମ୍ପିଆନ୍‌ସିପ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ରାଜ୍ୟ ସର୍‌କାର୍ ଖେଲ୍‌କେ ଧ୍ୟାନ୍ ଦେବାର୍ ସହେତେ ଫିଂ' ବ୍ଲକ୍‌ନୁ

ଖେଲ୍‌ପଡ଼ିଆ ଆଉ ପଂଚାୟତ୍‌ମାନ୍‌କେ ମିନି ଷ୍ଟାଡ଼ିୟମ୍ ଆଉ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ତିଆର୍ କର୍‌ବାର୍‌କେ ଜୋର୍ ଦଉଛନ୍ । ଇତାର୍‌ସହେତେ ମୁଖ୍ୟମନ୍ତ୍ରୀ କାଳୀତୀର୍ଥ ପଡ଼ିଆଠାନେ ହେଇଥିବା ରାଜ୍ୟ ସନାତନ୍ ଧର୍ମ ସମ୍ମିଳନୀ ଆର୍ ଶହେ ୧୪ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞଥି ଭିଲ୍ ଯୋଗ୍ ଦେଇଛନ୍ ।

ଉପମୁଖ୍ୟମନ୍ତ୍ରୀ-ଖରିଫ୍ ଚାଷ୍- ବିହନ୍     ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଖରିଫ୍ ଚାଷ୍ ଲାଗି ଚାଷୀମାନ୍‌କୁ ଠିକ୍ ଦାମ୍‌ଥି ବିହନ୍ ଯୁଗେଇ ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ କୃଷି ଆଉ କୃଷକ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ବିହନ୍ ଯୁଗାବାର୍ ବାବଦ୍ ବୈଠକ୍‌ଥି ଯୋଗ୍ ଦେଇକରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍, ଚାଷୀମାନ୍‌କର୍ ପସନ୍ଦ୍ ଅନ୍‌ସାରେ ବିଭାଗ୍ ତର୍‌ଫୁ ବହିନ୍ ଯୁଗାବାର୍‌ଟା ତୁର୍‌ତି କରାଯିବା । ଭିନ୍ ଭିନ୍ କିସମ୍ ବିହନ୍‌ର ଗୁଣବତା ନିଶ୍ଚିତ୍ କର୍‌ବାର୍ ଲାଗି ନିୟମିତ୍ ନମୁନା ସଂଗ୍ରହ ଆର୍ ପରୀକ୍ଷା ଲାଗି ସେ ପରାମର୍ଶ ଦେଇଛନ୍ । ଖାସ୍ କରି ଖରିଫ୍ ଋତୁଥି ପନିପରିବା ମଞ୍ଜି ଆର୍ ଯୋଗାଣ ବାବ୍‌ଦେ

ବିଭାଗୀୟ ଅଧିକାରୀମାନ୍‌କୁ ଶ୍ରୀ ସିଂହଦେଓ ପରାମର୍ଶ ଦେଇଛନ୍ ।

ଓଡ଼ିଶା ମୋଟର୍ ପରିବହନ୍ ଚାଲକ୍ ଆଉ କର୍ମଚାରୀ କଲ୍ୟାଣ୍ ବୋର୍ଡ଼ର ୱେବ୍ ପୋର୍ଟାଲ୍ I&PR

ଓଡ଼ିଶା ମୋଟର୍ ପରିବହନ୍ ଚାଲକ୍ ଆଉ କର୍ମଚାରୀ କଲ୍ୟାଣ୍ ବୋର୍ଡ଼ର ୱେବ୍ ପୋର୍ଟାଲ୍ ଆଏଜ୍ ଲୋକାର୍ପିତ୍ ହେଇଯାଇଛେ । ଭୁବ୍‌ନେଶ୍ୱର୍ ଠାନେ ହେଇଥିବା ବୋର୍ଡ଼ର ବୈଠକ୍‌ଥି ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ପୋର୍ଟାଲ୍‌କେ ଲୋକାର୍ପଣ୍ କରିଛନ୍ । ଏଥର୍ ଚାଲକ୍ ଆର୍ କର୍ମଚାରୀମାନେ ସଦସ୍ୟତା ପଞ୍ଜିକରଣ୍ କି ଅନୁକମ୍ପା ସହାୟତା ଆବେଦନ୍ ଲାଗି ଅଫିସ୍ ଯିବାର୍ ବଦ୍‌ଲେ ସିଧାସଳଖ୍ driver welfare.odisha.gov.in ଥି ଆବେଦନ୍ କରିପାର୍‌ବେ ବଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ ।

ଓଡ଼ିଆ ପକ୍ଷ-ଲୋକକଲା ଲାଗି ଦିନ୍‌ଟେ ସମ୍ବଲ୍‌ପୁର୍/ବୌଦ୍ଧ/ସୁବର୍ଣ୍ଣପୁର/ଦେବ୍‌ଗଡ଼୍

ଓଡ଼ିଶା ଦିବସ୍ ପାଲନ୍ ଦିନୁ ରାଜ୍ୟ ସର୍କାର୍ ଓଡ଼ିଆ ପକ୍ଷ ପାଲନ୍ କରୁଛନ୍ । ଓଡ଼ିଶାର୍ ସ୍ୱାଭିମାନ୍, ଗୌରବ୍, ପରିଚୟ, କଳା, ସଂସ୍କୃତିକେ ନେଇକରି ଆଏବା ୧୪ ତାରିଖ୍‌ତକ୍ ଫିʼଦିନ ଗୁଟେ ଖାସ୍ ଢଙ୍ଗେ ଇତାକେ ପାଲନ୍ କରାଯାଉଛେ ।

ଓଡ଼ିଆ ପକ୍ଷ ପାଲନ୍‌ର ୧୦ ନମ୍ବର୍ ଦିନେ ଆଏଜ୍ ରାଜ୍ୟର୍ ଲୋକକଳାର୍ ପ୍ରଚାର୍ ପ୍ରସାର୍ ଲାଗି 'ଲୋକକଳା ଲାଗି ଦିନ୍‌ଟେ' ଉତ୍ସବ୍ ପାଲନ୍ କରାଯାଉଛେ । ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି, ପଂଚାୟତିରାଜ୍ ବିଭାଗ୍ ତର୍ଫୁ ଭିନ୍ ଭିନ୍ ଜାଗା ନ କଳାକାର୍‌ମାନ୍‌କୁ ସମ୍ବର୍ଦ୍ଧନା କରାଯାଇଛେ । କଳା ଗ୍ରାମ ମାନ୍‌କର୍ ପରିଦର୍ଶନ୍ କାର୍ଯ୍ୟକ୍ରମ୍ ଭିଲ୍ ଆୟୋଜନ୍ କରାଯାଇଛେ । ଲୋକକଳାକେ ତହଁକାବାର୍ ସହେତେ ବିଶ୍ୱସ୍ତରକେ ପୁହୁଁଚାବାର୍ ଲାଗି ମୁଖମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଲୁକ୍‌କୁ ଆହ୍ୱାନ୍ ଦେଇଛନ୍ ।

ସମ୍ବଲପୁର ଜିଲ୍ଲା ପ୍ରଶାସନ୍ ତର୍ଫୁ କୁଚିଣ୍ଡା କଳାଗ୍ରାମ ଖଣ୍ଡୋକଟା ଠାନେ 'ଲୋକକଳା ଲାଗି ଦିନ୍‌ଟେ' ଉତ୍ସବ ପାଲନ୍ କରାଯାଇଛେ । ଉତ୍ସବ୍‌ଥି ଭିନ୍ ଭିନ୍ ପାଲା, ସଂକୀର୍ତନ୍, ଭାଗ୍‌ବତ୍ ଦଲ୍ ନିଜର୍ ନିଜର୍ କଳା ପ୍ରଦର୍ଶନ୍ କରିଥିଲେ । ବରିଷ୍ଠ କଳାକାର୍‌ମାନ୍‌କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

ବୌଦ୍ଧ ଜିଲ୍ଲା ସଂଗ୍ରହାଳୟ ଠାନେ ଲୋକକଳା ଲାଗି ଦିନ୍‌କେ କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲାପାଳ୍ ସୁବ୍ରତ୍ କୁମାର୍

ପଣ୍ଡା ଜିଲ୍ଲାର୍ ଲୋକକଲାକେ ବଁଚେଇ ରଖିବାର୍ ଲାଗି ଲୁକ୍‌କୁ କହିଥିଲେ । ଇ ଅବ୍‌ସରେ କଲାକାର୍‌ମାନ୍‌କୁ ପ୍ରଶାସନ୍ ତର୍‌ଫୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ୬ ଟା ବ୍ଲକ୍ ନ ଇ ଉତ୍ସବ୍ ପାଲନ୍ କରାଯାଇଛେ । କଲାଗ୍ରାମ କରତଙ୍ଗ୍ ଠାନେ ଅତିରିକ୍ତ ଜିଲ୍ଲାପାଲ୍ ଅଞ୍ଜଳିନା ପ୍ରଧାନ୍ ଆଉ ଜିଲ୍ଲା ସଂସ୍କୃତି ଅଧିକାରୀ ଜମୁନା ପ୍ରଧାନ୍ ଯୋଗ୍ ଦେଇକରି ଲୋକକଲାକେ ବଁଚେଇ ରଖିବାର୍ ଲାଗି ବରିଷ୍ଠ କଲାକାର୍‌ମାନ୍‌କୁ ନିବେଦନ୍ କରିଥିଲେ । ଇ ଅବ୍‌ସରେ ବିନ୍‌କାର୍ କଲାକାର୍‌ମାନେ କର୍‌ମା, ଝୁମେର୍, ସଂଚାର୍ ଆଉ ମହିଳା ସଂକୀର୍ତନ୍ ମଣ୍ଡଲୀ ନିଜର୍ କଲାର୍ ପ୍ରଦର୍ଶନ୍ କରିଥିଲେ ।

ଦେବ୍‌ଗଡ଼୍ ଜିଲ୍ଲା ତିଲେଇବଣି ବ୍ଲକ୍ ଲୋକକଲା ଗାଁ ଭେରୁବଣି ଠାନେ ଇ ଅବ୍‌ସରେ ହେଇଥିବା କାର୍ଯ୍ୟକ୍ରମ୍‌ଥି କଲାକାର୍‌ମାନ୍‌କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଜିଲ୍ଲାପାଲ୍ ଆଏଜ୍ ଲୋକକଲା ଗାଁ ବୁଲିକରି ଲୋକକଲାର୍ ସୁରକ୍ଷାର୍ ଲାଗି ସଜାଗ୍ ରହେବାର୍‌କେ ଲୁକ୍‌କୁ କହିଥିଲେ ।

ସମବାୟ ହସ୍ତତନ୍ତ ମନ୍ତ୍ରୀ- ବର୍‌ଗଡ଼୍ ବର୍‌ଗଡ଼୍ ସମ୍ବାଦଦାତା

ସମବାୟ ହସ୍ତତନ୍ତ ଆଉ ବୟନ ଶିଳ୍ପମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଆଏଜ୍ ବର୍‌ଗଡ଼ ନିୟନ୍ତ୍ରିତ ବଜାର୍ କମିଟିର୍ ନୂଆଁ

କାର୍ଯ୍ୟାଳୟ ଆଉ ଅତାବିରା, ଗୋଡ଼ଭଗାର ନୂଆଁ ନିୟନ୍ତ୍ରିତ ବଜାର୍ କମିଟିର୍ ମାର୍କେଟ୍ କମ୍ପ୍ଲେକ୍ସ ଉଦ୍‌ଘାଟନ୍ କରିଛନ୍ । ଇତାର୍‌ସହେତେ ଇଲାକା ନ ମୋଟ୍ ୮୮ କୋଟି ୭୨ ଲାଖ୍ ୫୧ ହଜାର୍ ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ ନିହି ପକେଇଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ବଳସାମନ୍ତ ବାଏଲ୍‌ଜୁରୀ ବଜାର୍‌ଠାନେ ବୁନ୍‌କାର୍‌ମାନ୍‌କର୍ ଲାଗି ବନିଥିବା ମାର୍କେଟ୍ କମ୍ପ୍ଲେକ୍ସ ବୁଲି ଦେଖିଥିଲେ । ଇତାର୍ ପୁନରୁଦ୍ଧାର୍ ଲାଗି ବୁନ୍‌କାର୍‌ମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ଜିଲ୍ଲାସ୍ତରୀୟ ସମବାୟ ସଭ୍ୟ ସଚେତନତା କାର୍ଯ୍ୟକ୍ରମ୍‌ଥି ମନ୍ତ୍ରୀ ଯୋଗ୍ ଦେଇଥିଲେ । ସେନ୍ତା ଚାଷୀମାନ୍‌କୁ ଉଚିତ୍ ଦାମ୍ ଦେବାର୍ ସହେତେ ବର୍‌କସ୍ ବିକ୍ରିବଟା ବ୍ୟବସ୍ଥା ଲାଗି ରାଜ୍ୟ ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ବଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ ।

ଜିଲ୍ଲାସ୍ତରୀୟ ସ୍କାଉଟ୍, ଗାଇଡ୍ କାମ୍ପୋରି  କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ବ୍ଲକ୍ ମେଦିନୀପୁର ପଂଚାୟତ୍ ଉଚ୍ଚବିଦ୍ୟାଳୟ ଠାନେ ଜିଲ୍ଲାସ୍ତରୀୟ ସ୍କାଉଟ୍, ଗାଇଡ୍ କାମ୍ପୋରି ୨୦୨୪-୨୫ ଉଦ୍‌ଯାପିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ

ଯୋଗ୍ ଦେଇକରି ଛାତ୍ରଛାତ୍ରୀ ସ୍କାଉଟ୍ ଗାଇଡ୍‌ର ଭୂମିକା ବୁଝିକରି ଦର୍‌କାର୍ ସମିଆଥି ଇତାକେ ଜୀବ୍‌ନେ ଉପଯୋଗ୍ କର୍‌ବାର୍‌କେ ପରାମର୍ଶ ଦେଇଛନ୍ ।

(ଭଏସ୍ ଓଭର୍- ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ)

ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କର୍ ସଭାପତିତ୍ୱଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଯୋଗ୍ ଦେଇଥିଲେ ।

ହୋମିଓପାଥି ଦିବସ ଆର୍‌ଏନ୍‌ୟୁ/ସମ୍ବଲପୁର

ପୁର୍‌ଥି ନ ଚିକିତ୍ସା କ୍ଷେତ୍ରଥି ବିକଳ୍ପ ପଦ୍ଧତି ଭାବେ ହୋମିଓପାଥିର୍ ବେଭାର୍ ଦିନୁ ଦିନ୍‌କେ ବଢ଼୍‌ବାର୍‌କେ ଲାଗିଛେ । ୮୦ ପ୍ରତିଶତ୍‌ନୁ ଅଏତ୍‌କା ଦେଶ୍ ଇହାଦେ ଇ ଚିକିତ୍ସା ବ୍ୟବସ୍ଥାକେ ଅପ୍‌ନେଇଛନ୍ । ଲୁକ୍‌କୁ ହୋମିଓପାଥି ଚିକିତ୍ସା ବାବ୍‌ଦେ ସଚେତନ୍ କର୍‌ବାର୍‌କେ ଫି ବଛର୍ ଏପ୍ରିଲ୍ ୧୦ ତାରିଖ୍ ହୋମିଓପାଥି ଚିକିତ୍ସାର୍ ଜନକ ଡାକ୍ତର୍ ସାମୁଏଲ୍ ହେନିମେନ୍‌ଙ୍କର୍ ଜନମ୍‌ଦିନ୍ ଅବ୍‌ସରେ ବିଶ୍ୱ ହୋମିଓପାଥି ଦିବସ୍ ପାଲନ୍ କରାଯାଏସି । ଇ ବଛର୍ ବିଶ୍ୱ ହୋମିଓପାଥି ଦିବସ୍‌ର ବାର୍ତା ହେଉଛେ ‘ଅଧ୍ୟୟନ୍, ଅଧ୍ୟାପନା ଆର୍ ଅନୁସନ୍ଧାନ୍’ । ପକ୍ଷାଘାତ, ମାନସିକ ରୋଗ ଆର୍ ଜୀବନ୍

ଶୈଲୀ ସାଙ୍ଗେ ଜଡ଼ିତ ଉଚ୍ଚରକ୍ତଚାପ ନୁ ନେଇକରି ମଧୁମେହ, ଗେଷ୍ଟ୍ରିକ୍, ସ୍ନାୟୁରୋଗ ହୋମିଓପାଥି ଚିକିତ୍ସାଥି ଭଲ୍ ହେଇପାରୁଛେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ହୋମିଓପାଥି ଚିକିତ୍ସାକେ ମାଏନ୍ତା ଦେବାର୍ ସହେତେ ଇ ଚିକିତ୍ସାର୍ ଗୁଣବତା ରହିଛେ ବଲି କହିଛେ ।

## ପୁଲିସ୍‌ର ଜନସମ୍ପର୍କ ଶିବିର ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଶଗଡ଼ା ଫାଣ୍ଡି ଇଲାକାର୍ ମାଓ ପ୍ରଭାବିତ୍ ତିଲପଙ୍ଗା ଗାଁ ଠାନେ ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋୟଲ୍‌ଙ୍କର୍ ଦେଖ୍‌ରେଖ୍‌ଥି ପୁଲିସ୍‌ର ଜନସମ୍ପର୍କ ଶିବିର ହେଇଯାଇଛେ । ଇ ଅବ୍‌ସରେ ଶ୍ରୀ ଗୋୟଲ୍ ଲୁକ୍‌କୁ ମାଓବାଦୀମାନ୍‌କୁ ନାଇଁ ଡରିକରି ପୁଲିସ୍‌କେ ସହଯୋଗ୍ କର୍‌ବାର୍‌କେ ପରାମର୍ଶ ଦେଇଛନ୍ ।

## ନୂଆପଡ଼ା- ଯୁଗ୍ମ ଅଭିଯୋଗ୍ ଶୁଣାଣି ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖରିଆର୍ ରୋଡ୍ ଏନ୍‌ଏସି ଠାନେ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକଙ୍କର୍ ଯୁଗ୍ମ ଅଭିଯୋଗ୍ ଶୁଣାଣି ହେଇଯାଇଛେ । ସଖାଲୁ ସଖାଲୁ ଇଲାକାର୍ ଲୁକେ ନିଜର୍

ନିଜର୍ ଅଭିଯୋଗ୍ ଧରିକରି ଜିଲ୍ଲାପାଲ୍ ଆର୍ ଏସ୍.ପି.ଙ୍କର୍ ପାଖ୍କେ ପୁହୁଁଚିଥିଲେ । ପଞ୍ଜିକୃତ ଅଭିଯୋଗ୍ମାନ୍କର୍ ତୁର୍ତି ସମାଧାନ୍ କର୍ବାର୍କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ୍ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ପାଣିପାଗ ଆର୍ଏନ୍ୟୁ/ସମ୍ବଲପୁର

ବଙ୍ଗୋପସାଗର୍ ନ ହେଇଥିବା ଲଘୁଚାପ୍ କ୍ଷେତ୍ର ଜୋର୍ସେ ଉତର୍- ଉତର୍ପଶ୍ଚିମ ଦିଗେ ଗତି କରୁଥିବାର୍ନୁ ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ଆଏବା କାଏଲ୍ତକ୍ ଘଡ୍ଘଡ଼ି ସାଙ୍ଗେ ବର୍ଷା ହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍ନା ଦିଆଯାଇଛେ । ସମ୍ବଲ୍ପୁର୍, ଝାର୍ସୁଗୁଡ଼ା, ଦେବ୍ଗଡ୍, ସୁନ୍ଦର୍ଗଡ୍ ସହେତେ ରାଜ୍ୟର୍ ୧୯ ଟା ଜିଲ୍ଲା ନ ଘଡ୍ଘଡ଼ି ସହେତେ ବର୍ଷା ହେବା ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।